**ସାରଣୀ-୧ :** ତିନିଗୋଟି ( ୧୨ X ୪ X ୨ ଫୁଟ) ଜିଆଖତ ପ୍ରସ୍ତୁତିରେ ଖର୍ଚ୍ଚ ଏବଂ ଆୟର ହିସାବ

| | **ବ୍ୟୟ (ଟଙ୍କାରେ)** | |
|---|---|---|
| ୧. | ଜିଆଖତ ଶଯ୍ୟା ( ତିନିଗୋଟି (୫ ବର୍ଷ ଅବଧି) | ୧୮୦୦.୦୦ |
| ୨. | ଗୋବର ଖତ( ୨ ଟ୍ରାକ୍ଟର) | ୨୦୦୦.୦୦ |
| ୩. | ଜୈବିକ ଅବଶେଷାଂଶ(୪ ଟ୍ରାକ୍ଟର) | ୨୦୦୦.୦୦ |
| ୪. | ଜିଆ ୩ କେ.ଜି. | ୧୨୦୦.୦୦ |
| ୫. | ଅଖା ଇତ୍ୟାଦି | ୫୦୦.୦୦ |
| ୬. | ଶ୍ରମିକ(୩୦ ଶ୍ରମ ଦିବସ) | ୯୦୦୦.୦୦ |
| | **ମୋଟ** | **୧୬୫୦୦.୦୦** |
| | **ଆୟ** | |
| ୧. | ଜିଆଖତ(୩୦୦୦ କେ.ଜି.) | ୩୦୦୦୦.୦୦ |
| ୨. | ଜିଆ( ୧୨ କେ.ଜି) | ୪୮୦୦.୦୦ |
| | **ମୋଟ** | **୩୪୮୦୦.୦୦** |
| | **ଲାଭ=ଆୟ-ବ୍ୟୟ** | **୧୮,୩୦୦.୦୦** |

ଜିଆଖତ ପ୍ରସ୍ତୁତି ଏକପରିବେଶ ସହାୟକ, ଆର୍ଥିକ ମାନଯୁକ୍ତ ତଥା ଅତି ଉପଯୋଗୀ ପ୍ରକ୍ରିୟା ଯାହାକି ଜୈବିକ ଉପାଦାନ ପ୍ରସ୍ତୁତ କରି ପରିବେଶ ତଥା କୃଷିରେ ସହାୟତା ପ୍ରଦାନ କରୁଛି । ଏହି ଜୈବିକ ଉପାଦାନ ଗଛର ବୃଦ୍ଧି ପାଇଁ ପୋଷକ ତତ୍ୱ ଯୋଗାଇବା ସହିତ କୃଷିର ଉନ୍ନତିରେ ସହାୟକ ହୋଇପାରୁଛି । ଆଦିବାସୀ ଅଞ୍ଚଳରେ ଥିବା କୃଷକମାନେ ନିଜ ଫସଲରର ଅବଶେଷାଂଶ, ଘରର ଆବର୍ଜନା, ପଶୁମାନଙ୍କର ଆବର୍ଜନା ଏବଂ ଉପଲବଧ ପରିବାରର ସଦସ୍ୟଙ୍କର ଶ୍ରମକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଜିଆଖତ ତିଆରି କରିପାରିବେ । ଏହା ଏକ ବ୍ୟବସାୟିକ ଧନ୍ଦା ଆକାରରେ ମଧ ବ୍ୟବହାର କରାଯାଇ ନିଜର ଗୁଜରାଣ ମେଣ୍ଟାଯାଇପାରିବ ।

## ବୈଜ୍ଞାନିକ ପ୍ରଣାଳୀରେ ଜିଆ ଖତ ଉତ୍ପାଦନ ଏକ ଲାଭଜନକ ପେଷା

**ଏନ୍.ଆର୍.ଆର୍.ଆଇ. ବୈଷୟିକ ଇସ୍ତାହାର-୧୪୭**
(Published under TSP)

©**ସମସ୍ତ ସତ୍ତ୍ୱ ସଂରକ୍ଷିତ:** ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, **ମାର୍ଚ୍ଚ-୨୦୨୦**

**ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ:** ସୁମନ୍ତ କୁମାର ମିଶ୍ର ଓ ସନ୍ଧ୍ୟାରାଣୀ ଦଲାଲ୍
**ଓଡିଆ ରୂପାନ୍ତର:** ଭବାନୀ ଶଂକର ଶତପଥୀ ଓ ସନ୍ଧ୍ୟାରାଣୀ ଦଲାଲ୍
**ଓଡ଼ିଆ ମୁଦ୍ରା ଲେଖକ:** ସୁଜାତା ମହାନ୍ତି
**ଫଟୋ:** ପ୍ରକାଶ କର ଏବଂ ଭଗବାନ ବେହେରା

**ଟାଇପ୍ ସେଟ୍ :** ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬
**ପ୍ରକାଶକ :** ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
**ମୁଦ୍ରଣ :** ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା.ଲିଃ., ଭୁବନେଶ୍ୱର

# ବୈଜ୍ଞାନିକ ପ୍ରଣାଳୀରେ ଜିଆ ଖତ ଉତ୍ପାଦନ ଏକ ଲାଭଜନକ ପେଷା

ଭବାନୀ ଶଂକର ଶତପଥୀ, ଅମରେଶ କୁମାର ନାୟକ, ସଂଜୟ ସାହା, ସୁମନ୍ତ କୁମାର ମିଶ୍ର, ରଘୁ ଏସ୍, ଏମ୍ ଚକ୍ରବର୍ତ୍ତୀ, ସୁପ୍ରିୟା ପ୍ରିୟଦର୍ଶିନୀ, ଶ୍ରୀକାନ୍ତ ଲେଙ୍କା, ବିଶ୍ୱଜିତ ମଣ୍ଡଳ, ରଂଜନ ମହନ୍ତ, ବିଷ୍ଣୁ ଚରଣ ମାର୍ଣ୍ଡି



ଜିଆଖତ ଉତ୍ପାଦନ ଏକ ଜୈବିକ ପ୍ରକ୍ରିୟା ଯାହାଦ୍ୱାରା ଫସଲର ଅବଶେଷାଂଶ, ଗୋରୁ ଗୁହାଳର ଆବର୍ଜନା, ମ୍ୟୁନ୍ସିପାଲଟି/ନଗରପାଳିକା/ପୌରପାଳିକାର ଜୈବିକ ଅଦରକାରୀ ପଦାର୍ଥ ତଥା ରୋଷେଇଶାଳାରେ ନଷ୍ଟ ହୋଇଯାଉଥିବା ଜୈବିକ ପଦାର୍ଥରୁ ଜିଆକୁ ବ୍ୟବହାର କରି ମୁଲ୍ୟଯୁକ୍ତ ଜୈବିକ ଖତ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକ୍ରିୟାରେ ଜିଆର ଅବଶୋଷଣ ଓ ପାଚନ ଦ୍ୱାରା ଜଟିଳ ଜୈବିକ ପଦାର୍ଥଗୁଡିକ ପୋଷକତତ୍ୱପୁର୍ଣ୍ଣ ଖତରେ ପରିଣତ ହୋଇଥାଏ । ଏହି ଖତରେ ବହୁ ମାତ୍ରାରେ ସୂକ୍ଷ୍ମଏବଂ ସ୍ଥୁଳ ପୋଷକତତ୍ୱ ଥିବାରୁ ଏହା ଗଛର ବୃଦ୍ଧି ଏବଂ ବିକାଶ ପାଇଁ ସହାୟକ ହୋଇଥାଏ । ଏଡି ଖତ ପ୍ରସ୍ତୁତ କରିବା ପ୍ରକ୍ରିୟା ଅତ୍ୟନ୍ତ ସରଳ । ଏହା ଅତି ସହଜ ଭାବରେ ଉଭୟ ପୁରୁଷ ଓ ମହିଳାଚାଷୀଙ୍କ ଦ୍ୱାରା ସେମାନଙ୍କ ଘର ନିକଟରେ ଥିବା ଜାଗାରେ ପ୍ରସ୍ତୁତ କରାଯାଇପାରିବ । ଏହା ନା କେବଳ ଏକ କମ୍ ଖର୍ଚ୍ଚରେ ହୋଇପାରୁଥିବା ଏକ ପ୍ରକ୍ରିୟା ବରଂ କ୍ଷୁଦ୍ର ଏବଂ ନାମମାତ୍ର ଆଦିବାସୀ ଚାଷୀମାନଙ୍କ ଦ୍ୱାରା ସହଜରେ ଅଭିଗୃହୀତ ହୋଇପାରୁଥିବା ଏକ ପରିବେଶ ସହାୟକ ଜ୍ଞାନକୌଶଳ । ଏହା ଧରଣୀୟ କୃଷି ଉତ୍ପାଦନ ନିମନ୍ତେ ବହୁତ ସହାୟକ ଯାହାକି ମୃତ୍ତିକା, ଜଳ ଏବଂ ପରିବେଶ ପ୍ରଦୂଷଣ ବିନା ସମ୍ଭବ । ଏହି ଚାଷ ପ୍ରଣାଳୀ ପୋଷକ ଉଦ୍ୟାନ ଓ ସହରୀ ଉଦ୍ୟାନ କୃଷି ପାଇଁ ବହୁତ ଫଳପ୍ରଦ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲା କନ୍ଧମାଳରେ ମୁଖ୍ୟତଃ ବିନା ରାସାୟନିକ ସାର ପ୍ରୟୋଗରେ ଚାଷୀମାନେ ବହୁଳ ଭାବରେ ଶସ୍ୟ ଉତ୍ପାଦନ ଏବଂ ଉଦ୍ୟାନ କୃଷି କରିପାରୁଛନ୍ତି । ଏହି ଅଞ୍ଚଳରେ ଜିଆ ବ୍ୟବହାର କରି ଉପଲବ୍ଧ ଥିବା ଫସଲ, ଅନାବନା ଘାସ ଏବଂ ଗୋରୁ ଗୁହାଳର ଆବର୍ଜନା ବ୍ୟବହାର କରି ମୂଲ୍ୟବାନ ଉଦ୍ଭିଦପୋଷକ ଏବଂ ମୃତ୍ତିକା ଶୋଧକ ବନାଯାଇପାରୁଛି ଯାହାକି ଆଦିବାସୀବହୁଳ ଅଞ୍ଚଳରେ ପାରମ୍ପରିକ କୃଷିକୁ ପ୍ରୋତ୍ସାହିତ କରିପାରିବ ।

## ଜିଆ ଖତ ତିଆରି କରିବା ପଦ୍ଧତି

ଜିଆ ଖତ ତିଆରି କରିବା ପାଇଁ ଅନେକ ଗୁଡିଏ ପଦ୍ଧତି ଅଛି ଯାହା ଜୈବିକ ଅବଶେଷାଂଶର ପ୍ରକାର ଏବଂ ଶଯ୍ୟା ପଦାର୍ଥ ଉପରେ ନିର୍ଭର କରିଥାଏ। ଏଗୁଡ଼ିକ ମଧ୍ୟରୁ ଓଡ଼ିଶାରେ ପ୍ରାୟତଃ କୁଣ୍ଡ, ଚଟାଣ ଏବଂ ସିମେଣ୍ଟ ନନ୍ଦ ରେ ଶଯ୍ୟା କରାଯାଇଥାଏ।












## ଜିଆ ଖତ ପାଇଁ ଆବଶ୍ୟକତା

### ଜିଆର କିସମ



ସାଧାରଣତଃ ଜିଆ ଖତ ତିଆରି କରିବାରେ ଜିଆର ସଠିକ ପ୍ରଜାତି ଚୟନ କରିବା ଅତି ଆବଶ୍ୟକ । ଅନେକ ଗୁଡିଏ ପ୍ରକାରର ଜିଆ ମଧ୍ୟରୁ ସାଧାରଣତଃ ଟାଇଗର ୱାରସ (ଇସେନିଆ ଫୋଏଟିଡା) ଏବଂ ୟୁଡିଲସ ୟୁଜେନିଏ ବହୁ ମାତ୍ରାରେ ଜିଆଖତ ପାଇଁ ବ୍ୟବହାର ହୋଇଥାଏ। ପ୍ରଥମ ଜିଆ ନିବେଶନ ଅବସ୍ଥା ପାଇଁ କୃଷକମାନଙ୍କୁ ଜିଆ କର୍ଷଣ ଜଣାଶୁଣା ସଂସ୍ଥାରୁ ଆଣିବା ଆବଶ୍ୟକ।

### ଜିଆ ଖତ ପ୍ରସ୍ତତ ସ୍ଥଳ

ଜିଆ ଖତ ତିଆରି କରିବା ପାଇଁ ଅନେକ ପ୍ରକାରର ସଂରଚନା ତିଆରି କରାଯାଇଥାଏ ଯେପରି ସ୍ଥାୟୀ ଚଟାଣ ସଂରଚନା ଶଯ୍ୟା ଏବଂ ରାଇନୋ ଜିଆ ଶଯ୍ୟା ପଦ୍ଧତି ଇତ୍ୟାଦି ।



## ସ୍ଥାୟୀଟାଙ୍କିରେ ଜିଆଖତ ପ୍ରସ୍ତୁତ ପଦ୍ଧତି

- ଏକ ଉତ୍ତମ ଜିଆ ଖତ ସ୍ଥାୟୀ ଶଯ୍ୟା ତିଆରି କରିବା ପାଇଁ ଜଳ ନିଗିଡା ଜମି ସହିତ ଛାଇ ରହୁଥିବା ଜାଗାକୁ ଚୟନ କରାଯାଏ।
- ଜିଆ ଶଯ୍ୟା ବନେଇବା ପାଇଁ ପ୍ରାୟତଃ ନଡା/ଆଜବେଷ୍ଟ ଛପର ଛାତର ବ୍ୟବହାର କରାଯାଏ ଯାହାର ଚତୁରପାର୍ଶ୍ୱ ବାୟୁ ଚଳାଚଳ ପାଇଁ ଖୋଲା ରଖାଯାଏ।
- ଏହି ଚଟାଣର ଛାତ ମୁଖ୍ୟତଃ ପୂର୍ବ-ପଶ୍ଚିମ ମୁଖା ହେବା ଦରକାର ଯାହାଦ୍ୱାରା ସୂର୍ଯ୍ୟର ଟାଣ କିରଣରୁ ରକ୍ଷା ପାଇପାରିବ।
- ସଠିକ୍ ଜଳ ନିଷ୍କାସନ ପାଇଁ , ଏହି ଚଟାଣକୁ ଜମିଠାରୁ ଅନ୍ୟୁନ ୬ ଇଞ୍ଚ ଉଚା କରିବା ଆବଶ୍ୟକ।
- ତିନୋଟି ୧୦ ଫୁଟ X ୩ ଫୁଟ X ୨ ଫୁଟ ଆକାରର ଜିଆ ଶଯ୍ୟା ପାଇଁ ୧୨ ଫୁଟ X ୧୨ ଫୁଟ ଜାଗା ଆବଶ୍ୟକ ହୋଇଥାଏ। ଦୁଇ ଶଯ୍ୟା ମଧ୍ୟରେ ଦୂରତା ୧ ଫୁଟ ରଖିବା ଆବଶ୍ୟକ।
- ଛାତର ଉଚ୍ଚତା ମଝିରୁ ୭-୮ ଫୁଟ ଏବଂ ଚାରି ପାର୍ଶ୍ୱରୁ ୫-୬ ଫୁଟ ରହିବା ଆବଶ୍ୟକ।
- ଶଯ୍ୟାଗୁଡିକୁ ଇଟା ଏବଂ ସିମେଣ୍ଟରେ ତିଆରି କରିବା ଦରକାର କିନ୍ତୁ ଶଯ୍ୟାର ତଳଭାଗ ପଲସ୍ତରା କରାଯିବ ନାହିଁ।
- ଇଟା କାନ୍ଥର ଚାରିପାର୍ଶ୍ୱର ଉପରଭାଗରେ ନାଳି କାଟି ପାଣିର ଧାର କରିବା ଦରକାର ଯାହା ଦ୍ୱାରା ଜିଆର ଶଯ୍ୟା ଭିତରକୁ ପିମ୍ପୁଡି କିମ୍ବା ଅନ୍ୟ ଅନୁଷ୍ଟକାରୀ ପୋକ ଜୋକ ଯାଇପାରିବ ନାହିଁ।
- ଜିଆ ଶଯ୍ୟାର ତଳଭାଗରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ରଖନ୍ତୁ। ଏହାଦ୍ୱାରା ଖତ ଶଯ୍ୟାରୁ ଅନାବଶ୍ୟକ ବଳକା ପାଣି ସହଜରେ ବାହାରି ଯାଇପାରିବ ।





## ରାଇନୋ ଜିଆ ଶଯ୍ୟା ପଦ୍ଧତି

- ଏହି ପଦ୍ଧତିରେ କମ୍ ମୂଲ୍ୟରେ ସହଜରେ ସ୍ଥାନାନ୍ତରିୟ ହୋଇପାରୁଥିବା ଶଯ୍ୟା ବ୍ୟବହାର କରାଯାଏ, ଯାହାର ଆକାର ୧୨ ଫୁଟ X ୪ ଫୁଟ X ୨ ଫୁଟ ଏବଂ ପଲିଥିଲିନ୍ ରେ ତିଆରି ହୋଇଥାଏ ।
- ଏହି ଜିଆ ଶଯ୍ୟାର ତଳ ପଟ ଜାଲିରେ ତିଆରି ହୋଇଥାଏ ଯାହା ଦ୍ୱାରା ବଳକା ପାଣି ସହଜରେ ନିଷ୍କାସିତ ହୋଇପାରିବ ।
- ଏହି ଜିଆ ଶଯ୍ୟା ପଦ୍ଧତି ଆର୍ଦ୍ରତା ଧାରଣ କ୍ଷମତା ଏବଂ ଉତ୍ତମ ଖତ ପ୍ରଦାନ କରିବା କ୍ଷେତ୍ରରେ ସ୍ଥାୟୀ କୁଣ୍ଡ ଜିଆ ଶଯ୍ୟା ପଦ୍ଧତିଠାରୁ ଅତି ଉତ୍ତମ ।



ରାଇନୋ ଜିଆ ଶଯ୍ୟା

## ଜିଆ ଖତ ପାଇଁ ଆବଶ୍ୟକ ମୂଳ ଭିତ୍ତିଦ୍ରବ୍ୟ



ଜିଆ ଖତ ପ୍ରସ୍ତୁତିରେ ବିଭିନ୍ନ ପ୍ରକାରର ଜୈବିକ ଦ୍ରବ୍ୟ ବ୍ୟବହାର ହୋଇଥାଏ ଯେପରି ଜୈବିକ ଆବର୍ଜନା-ଶସ୍ୟ ଅବଶେଷୀୟ ପଦାର୍ଥ, ରୋଷେଇ ଅବଶେଷ, ବଜାର ଏବଂ କୃଷି ଭିତ୍ତିକ କାରଖାନାର ଅବଶେଷ ଆବର୍ଜନା, ପଶୁଧନ ଆବର୍ଜନା ଇତ୍ୟାଦି ।

ଗୋବର-ଜିଆ ଗୁଡିକ ପାଇଁ ଗାଈ ଗୋବର ପ୍ରଥମ ସ୍ତରର ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ । ଆଂଶିକ ସଢ଼ିଥିବା ଗୋବର ଜିଆ କମ୍ପୋଷ୍ଟ ପାଇଁ ଅତି ଉତ୍ତମ । ଏହା ବ୍ୟତୀତ ଛେଳି, ମେଣ୍ଢା, ମଇଁଷି ଏବଂ କୁକୁଡା ମଳ ମଧ ଜିଆ ଖତ ପ୍ରସ୍ତୁତିରେ ବ୍ୟବହାର କରାଯାଇପାରିବ । ପଶୁ ବା ପକ୍ଷୀଙ୍କ ମଳ ଆଂଶିକ ସଢ଼ିବାପରେ ହି ବ୍ୟବହାର କରିବା ଉଚିତ ।

## ଜିଆ ଖତ ତିଆରି କରିବାର ପକ୍ରିୟା



- ଅତି ସହଜରେ ମିଳିପାରୁଥିବା ଫସଲର ଅବଶେଷାଂଶ, ମୁନ୍ସିପାଲଟି/ନଗର ପାଳିକା/ ପୌର ପାଳିକା ର ନଷ୍ଟ ପଦାର୍ଥ ତଥା ରୋଷେଇ ଶାଳର ନଷ୍ଟ ଦ୍ରବ୍ୟକୁ କାଟି ଛୋଟ ଛୋଟ କରିବା ଦରକାର ଏବଂ (୧୫-୨୦) ଦିନ ପର୍ଯ୍ୟନ୍ତ ଛାଇରେ ଗଦାକରି ରଖିବା ଆବଶ୍ୟକ ।
- ଏହାପରେ ତିଆରି ହୋଇଥିବା କୁଣ୍ଡରେ ସବା ତଳେ ୪-୬ ଇଞ୍ଚ ପର୍ଯ୍ୟନ୍ତ ଆଂଶିକ ଶୁଖିଥିବା ଜୈବିକ ବର୍ଯ୍ୟବସ୍ତୁ ବା ଜୈବ ଅବଶିଷ୍ଟାଂଶ, ଯାହାକି ସହଜରେ ପଚିବ ନାହିଁ ତାକୁ ରଖିବା ଦରକାର । ଏହି ପ୍ରସ୍ତର ଉପରେ ୧ ଇଞ୍ଚର ଗୋବର ଖତ ବିଛାଇବା ଆବଶ୍ୟକ । ଏହା ଉପରେ ପୁଣି ଜୈବ ଆବର୍ଜନା ବିଛାଯାଇ ଗୋବରଘୋଳକୁ ଛିଟିକାଇବା ଦରକାର । ଏହି ପକ୍ରିୟା ଚାଲିଥିବ ଯେପର୍ଯ୍ୟନ୍ତ ଜୈବ ଆବର୍ଜନା କୁଣ୍ଡର ୬ଇଞ୍ଚ ଉପର ଯାଏ ନ ପହଞ୍ଚିଛି ।
- କୁଣ୍ଡରେ ଆବର୍ଜନା ଗୁଡିକ ୧୦-୧୫ ଦିନ ଆଂଶିକ ସଢ଼ିବା ପରେ ସେଥିରେ ୧ କି.ଗ୍ରା. ଜିଆ (ପ୍ରାୟତଃ ୧୦୦୦ ଜିଆ) ପ୍ରତ୍ୟେକଟି କୁଣ୍ଡରେ ଛାଡିବା ଦରକାର । ଏହି କୁଣ୍ଡର ଉପର ଭାଗରେ କିଛି ଛିଦ୍ର କରାଯାଇଥାଏ ଯାହା ଫଳରେ ଅଳିଆରୁ ବାହାରୁଥିବା ଗରମ ଗ୍ୟାସ ବାହାରିପାରିବ ।



- ଜିଆ ଶଯ୍ୟାରେ ଛାଡିବାପରେ ଝୋଟ ଅଖାରେ ଘୋଡେଇବା ଦରକାର ଯାହାକି ଚଢ଼େଇ ଓ ଅନ୍ୟାନ୍ୟ କୀଟ ପତଙ୍ଗ ଠାରୁ ଜିଆକୁ ସୁରକ୍ଷା ମିଳିଥାଏ ।
- ପ୍ରତ୍ୟେକ ଦିନ ଏହି ଜିଆ କୁଣ୍ଡରେ ପାଣି ସିଞ୍ଚନ ଦରକାର ଯାହା ଫଳରେ ଶଯ୍ୟାରେ ୪୦-୫୦ ଶତାଂଶ ଆର୍ଦ୍ରତା ରହିବ ।
- ଯଦି ଜିଆ ଶଯ୍ୟାର ଉପର ଭାଗରେ କଳା ଦାନାଦାର ଟୁକୁରା ଜିଆ ଖତ ଦେଖାଯାଏ, ଏହା ସୂଚନା ଦେଇଥାଏ ଯେ ଜିଆ ଖତ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତି ହୋଇଯାଇଛି ।
- ଏହା ବହୁତ ହାଲୁକା ହୋଇଥାଏ ଏବଂ କୌଣସି ଦୂଷିତ ଗନ୍ଧ ଦେଇନଥାଏ, ଏହାର ଅମ୍ଳତା ୬-୭ ମଧ୍ୟରେ ଥାଏ ।
- ଜିଆ ଶଯ୍ୟାର ଉପର ଭାଗରୁ ଜିଆ ଖତ କାଡିବାର ୫ ଦିନ ପୂର୍ବରୁ ପାଣି ସିଞ୍ଚିବା ବନ୍ଦ କରିବା ଦରକାର । ଜିଆ ଖତ ୮୦-୯୦ ଦିନରେ ଅମଳ ଉପଯୁକ୍ତ ହୋଇଥାଏ ।
- ଏହି ଖତକୁ କୁଣ୍ଡର ଉପରଭାଗରୁ ସ୍ତର ସ୍ତର କରି କୋରିବା ଦରକାର ଏବଂ କୋରା ହୋଇଥିବା ଖତକୁ ଛାଇରେ ଶୁଖେଇବା ଆବଶ୍ୟକ ।
- ଖତ ଶୁଖିଲା ପରେ ଏହାକୁ ଚାଲୁଣିରେ ଚଲାଯିବା ଆବଶ୍ୟକ ଯାହା ଦ୍ୱାରା ଖତରୁ ଜିଆ, ଅଣ୍ଡା ଇତ୍ୟାଦି ଅଲଗା ହୋଇଯିବ ।
- ଚଲେଇବା ପରେ ପୁଣି ଛାଇରେ ଶୁଖେଇ, ବ୍ୟାଗ୍‌ରେ ଭର୍ତ୍ତିକରି ବ୍ୟାଗକୁ ମୁଦକରିଦିଅନ୍ତୁ ।
- ଅଲଗା ହୋଇଥିବା ଜିଆ ଓ ଜିଆ ଅଣ୍ଡାର ଖୋସା ସଂଗ୍ରହ କରି ପୁଣି ଜିଆଖତ ତିଆରି ପାଇଁ ବ୍ୟବହାର କରନ୍ତୁ ।

## ଜିଆ ଖତ କରିବା ବେଳେ ପୂର୍ବ ସତର୍କତା

- ଏହା ଧ୍ୟାନ ରଖିବା ନିହାତି ଦରକାର ଯେ ଜିଆ ଖତ ମିଶ୍ରଣରେ କୌଣସି ପ୍ରକାରର ନ ସଢ଼ିପାରୁଥିବା ଅଣ ଜୈବିକ ପଦାର୍ଥ ମିଶି ନ ଥିବ ।
- ଜିଆ ଶଯ୍ୟା ଛାଇରେ ରହିବା ଦରକାର ଯେପରି ଏହାର ତାପମାତ୍ରା ୩୫° ସେଲସିୟସ୍ ରୁ ଅଧିକ ନଯିବ ।
- ଜିଆ ଖତ ଶଯ୍ୟାରେ ଯେପରି କୌଣସି ପ୍ରକାରର ରାସାୟନିକ ସାର ଏବଂ କୀଟନାଶକ ନ ପଡେ ।
- ଜିଆମାନଙ୍କୁ ପିମ୍ପୁଡି, ବେଙ୍ଗ, ମୂଷା ଏବଂ ଚଢ଼େଇଠାରୁ ସୁରକ୍ଷା ଦେବା ଦରକାର ।

- ଜିଆ ଶଯ୍ୟାର ଆର୍ଦ୍ରତା(୪୦-୫୦% ଆର୍ଦ୍ରତା) ସବୁବେଳେ ଯାଞ୍ଚକରିବା ଦରକାର ଏବଂ ସମୟ ସମୟରେ ଦରକାର ଅନୁଯାୟୀ ପାଣି ସିଞ୍ଚନ କରିବା ଦରକାର ।
- ଜିଆ ଖତ ଶଯ୍ୟା ରୁ ଆବଶ୍ୟକସ୍ଥଳେ ଜଳ ନିଷ୍କାସନ ହୋଇପାରୁଥିବା ଦରକାର ।

## ଜିଆଖତ ଚାଷରୁ ଉତ୍ପାଦନ ଦ୍ରବ୍ୟ

- ଜିଆ ଖତ ଚାଷର ଅନ୍ତିମ ଉତ୍ପାଦହେଉଛି ଜୈବିକ ଖତ ଯାହା ମଧରେ ଅଙ୍ଗାର(୯.୧୫ ରୁ ୧୭.୯୮ %), ଯବକ୍ଷାରଜାନ (୧.୫ ରୁ ୨.୧%), ଫସଫରସ (୧.୦ ରୁ ୧.୫%), ପୋଟାସିୟମ୍ (୦.୬%), ଗନ୍ଧକ (୧୨୮ ରୁ ୫୪୮ ପି.ପି.ଏମ୍), କ୍ୟାଲସିୟମ୍ ଏବଂ ମାଙ୍ଗାନିଜ୍ (୨୨-୭୦ ଏମ୍.ଇ/୧୦୦ ଗ୍ରାମ୍), ତମ୍ବା-୧୦୦ ପି.ପି.ଏମ୍, ଲୁହା-୧୮୦ ପି.ପି.ଏମ୍, ଦସ୍ତା-୫୦ ପି.ପି.ଏମ୍ ରହିଛି ।



- ଏଥିରେ ମଧ କେତେ ଗୁଡିଏ ସନ୍ତରକ ଓ ଜୀବନିକା ଥାଏ ଯାହା ଗଛ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ ।
- ଏହି ଜୈବିକ ଖତ ମଧରେ ଆଣ୍ଟିବାୟୋଟିକ ଏବଂ ଏକ୍ଟିନୋମାଇସେଟ ରହିଥାଏ ଯାହା ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବାରେ ସହାୟକ ହୁଏ।
- ଜିଆଖତର ରନ୍ଧ୍ରତା, ବାୟୁମିଶ୍ରଣ, ଜଳ ନିଷ୍କାସନ ଏବଂ ଜଳଧାରଣ ଦକ୍ଷତା ଅଧିକ ହୋଇଥିବାରୁ ଏହା ମୃତ୍ତିକାର ସ୍ୱାସ୍ଥ୍ୟ ସଠିକ ରଖିବାରେ ସାହାଯ୍ୟ କରେ ।



## ଭେରମିୱାସ

ଭେରମିୱାସ ଜିଆ ଖତ ପ୍ରସ୍ତୁତି ବେଳେ ନିଗାଡି ହୋଇ ବାହାରୁ ଥିବା ଦ୍ରବଣ ପଦାର୍ଥ ଯାହାକି କୃଷି କ୍ଷେତ୍ରରେ ସାର ଏବଂ ଫସଲ ବର୍ଦ୍ଧୀକ ଭାବେ ବ୍ୟବହାର ହୋଇପାରିବ ।

## ଜିଆ

ଜିଆ ଖତ ଚାଷରୁ ଜିଆ ମଧ ଉତ୍ପାଦନ ହୋଇଥାଏ ଯାହା କୁକୁଡା, ମାଛ, ଘୁଷୁରି ଚାଷ ପାଇଁ ପୁଷ୍ଟିସାରର ଉତ୍ସଭାବରେ ବ୍ୟବହାର କରାଯାଏ ।

## ଜିଆ ଖତର ପ୍ରାଧାନ୍ୟ



- ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ଜୈବିକ କୃଷି ପ୍ରତି ସଚେତନତା ବଢ଼ିବା ଯୋଗୁଁ ଜିଆ ଖତର ଚାହିଦାରେ ବୃଦ୍ଧି ଘଟିଛି ।
- ଏହା ସମନ୍ୱିତ ପୋଷକତତ୍ୱ ପରିଚାଳନା ରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିପାରିବ ଯାହା ଦ୍ୱାରା ରାସାୟନିକ ସାରର ବ୍ୟବହାରରେ ହ୍ରାସ ଘଟିବ ।
- ଏହା ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା କରିବା ସହ ବୃଦ୍ଧିବର୍ଧକ ଭାବେ ବ୍ୟବହାର ହୋଇପାରିବ ।
- ଏହା କୁକୁଡା, ମାଛ, ଘୁଷୁରୀ ଚାଷ ପାଇଁ ପୁଷ୍ଟିସାର ର ଉତ୍ସ ହୋଇପାରିବ ।
- ନିମ୍ନ ଏବଂ କ୍ଷୁଦ୍ର ଚାଷୀମାନେ ଜିଆ କମ୍ପୋଷ୍ଟ ଚାଷ ଦ୍ୱାରା ନିଜର ଜୀବିକା ନିର୍ବାହ କରିପାରିବେ ।
- ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ଚାଷକୁ ପ୍ରସାର କରିବା ପାଇଁ ଚେଷ୍ଟା କରୁଛନ୍ତି ।

## ଅର୍ଥନୈତିକ ଆଲୋଚନା

ତିନିଗୋଟି ଜିଆ ଖତ ଶଯ୍ୟା (୧୨ x ୪ x ୨ ଫୁଟ) ରୁ ୮୦ ରୁ ୯୦ ଦିନରେ ୩୦ କ୍ୟୁଣ୍ଟାଲ ଉତ୍କୃଷ୍ଟ ମାନର ଜିଆ ଖତ ମିଳିପାରିବ । ଜଣେ ଉଦ୍ୟୋଗି ନିଜର ସବୁ ଖର୍ଚ୍ଚ ମିଟାଇ ପ୍ରାୟ ୧୮୩୦୦ ଟଙ୍କା ଲାଭ କରିପାରିବ ।



